**ନାବାଳିକାଙ୍କୁ ମାରପିଟ ଘଟଣାରେ ଜଣେ ଗିରଫ**

ଧର୍ମଶାଳା,୩୧।୮(ଡି.ଏନ.ଏ.): ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ମାରପିଟ ଓ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପାଖର ପଞ୍ଚାୟତ ଛେଳିଆପଦା ଗ୍ରାମର ସୁବାସ ଦେହୁରି(୪୭)। ଅନ୍ୟ ୨ ଯୁବକ ଫେରାର ଅଛନ୍ତି। ୩ ଅଭିଯୁକ୍ତ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ହେବାପରେ ପୋଲିସ ନଂ.୪୪୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।



## ସଂକ୍ଷେପରେ

### ବାଲିଘାଟକୁ ମହିଳାଙ୍କ ବିରୋଧ

ଧର୍ମଶାଳା,୩୧।୮(ଡି.ଏନ.ଏ.): ଧର୍ମଶାଳା ତହସିଲ ଅଧୀନ କେଲୁଅ ନଦୀର ମୋହନପୁର ବାଲିଘାଟକୁ ମଙ୍ଗଳବାର ସ୍ଥାନୀୟ ମହିଳାମାନେ ବିରୋଧ କରିଛନ୍ତି। ବାଲିଘାଟକୁ ତହସିଲ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଥିବା ବେଳେ ଗ୍ରାମର ଦଳିତ ସାହିର ଶତାଧିକ ମହିଳା ଓ ପୁରୁଷ ଘାଟକୁ ଯାଇ ବାଲି ଉତ୍ତୋଳନ ବନ୍ଦ କରିଥିଲେ। ଏଠାରେ ବାଲି ଉଠିବା ଦ୍ୱାରା ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ମହିଳାମାନେ ନଦୀ ଘାଟକୁ ସ୍ନାନ ଓ ଶୌଚ ହେବାକୁ ସୁରକ୍ଷିତ ମଣୁନାହାନ୍ତି। ଟ୍ରାକ୍ଟର ଓ ଟ୍ରକ୍‌ରେ ବାଲି ଚାଲାଣ ହେବା ଦ୍ୱାରା ରାସ୍ତା ଘାଟ କ୍ଷତିଗ୍ରସ୍ତ ହେବା ସହ ଦୁର୍ଘଟଣାମାନ ଘଟୁଛି। ରାସ୍ତାରେ ଛାତ୍ରୀଛାତ୍ର ଯାତାୟାତ କରୁଥିବାରୁ ସେମାନଙ୍କ ପାଇଁ ବିପଦ ଦେଖାଦେଇଛି। ଏଣୁ ତୁରନ୍ତ ଏହି ବାଲିଘାଟକୁ ବନ୍ଦ କରିବାକୁ ଗ୍ରାମର ପ୍ରମୋଦ ମଲ୍ଲିକ, କ୍ଷେତ୍ରବାସୀ ମଲ୍ଲିକ, ସୁନା ମଲ୍ଲିକ, ଗୟା ମଲ୍ଲିକ, ସୁକୁଟି ମଲିକ, ନାଗାଜୀ ମଲ୍ଲିକ ଓ ଟୁକ ମଲ୍ଲିକଙ୍କ ସମେତ ବହୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ନିଖୋଜ ନାବାଳିକ ଉଦ୍ଧାର

ରସୁଲପୁର,୩୧।୮(ଡି.ଏନ.ଏ.): କୁଆଖିଆ ଥାନା ଅଞ୍ଚଳରୁ ୫ ମାସ ତଳେ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀ ପରୀକ୍ଷା କରାଇବା ପରେ ଯାଜପୁର ଟାଉନ ସ୍ଥିତ ସୁଧାର ଗୃହରେ ଛାଡ଼ିଛି। ପୋଲିସ ସୂଚନା ମୁତାବକ, ଏପ୍ରିଲ ୧ ତାରିଖରେ ନାବାଳିକା ଜଣକ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ଏ ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ନାବାଳିକା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିବା ନେଇ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଉକ୍ତ ଖବର ମୁତାବକ ପୋଲିସ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା।

### ନାବାଳିକା ଉଦ୍ଧାର

ପାଣିକୋଇଲି,୩୧।୮(ଡି.ଏନ.ଏ.): ଜାନୁୟାରୀ ମାସରୁ ନିଖୋଜ ଥିବା ଜଣେ ନାବାଳିକାଙ୍କୁ ପାଣିକୋଇଲି ପୋଲିସ ମଙ୍ଗଳବାର କେନ୍ଦୁଝର ଜିଲାରୁ ଉଦ୍ଧାର କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ଷଠିପୁର ଗ୍ରାମର ଜଣେ ନାବାଳିକା ଗତ ଜାନୁୟାରୀ ମାସରେ ନିଖୋଜ ହୋଇଥିଲେ। ଏନେଇ ଏକ ମାମଲା (ନଂ.୧୩/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ସୋମବାର ରାତିରେ କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ସୁଶୀଳ କୁମାର ନାୟକ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିବିରୁହାଁ ବେଳଦା ଗ୍ରାମର ବିଶ୍ୱନାଥ ପାତ୍ରଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଏଥି ସହିତ ବିଶ୍ୱନାଥଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି।

### ମଇଥାନ ସୁରକ୍ଷାକର୍ମୀଙ୍କ ମୃତ୍ୟୁ

କଳିଙ୍ଗନଗର,୩୧।୮(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳର ମାଇଥାନ ଇସ୍ପାତ କାରଖାନାରେ ଜଣେ ସୁରକ୍ଷା କର୍ମୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଧଣିପୁରର ନାରାୟଣ ସାହୁ (୪୨)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଯଖପୁରା ଥାନା ପୋଲିସ ଅପମୃତ୍ୟୁ ମାମଲା (ନଂ.୩/୨୦୨୧)ରେ ମାମଲା ରୁଜୁ କରିଛି।

### ଧର୍ମଶାଳା ମହିଳା ବିଜେଡି କର୍ମକର୍ତ୍ତାଙ୍କ ନାମ ଘୋଷଣା

ଧର୍ମଶାଳା,୩୧।୮(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ଦଳିୟ କାର୍ଯ୍ୟାଳୟରେ ବିଜେଡି ମହିଳା ବ୍ଲକ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତଙ୍କ ଅନୁମୋଦନକ୍ରମେ ୧୧ ନମ୍ବର ଜୋନ ଉପସଭାନେତ୍ରୀ ଭାବେ ସୌଭାଗିନୀ ମଲିକ, ୧୨ ନଂ. ଜୋନ୍ ପାଇଁ ଦୀପ୍ତିମୟୀ ନାୟକ, ୧୩ ନଂ ଜୋନ୍ ପାଇଁ ରୋଜାଲିନ ରାଉଳ, ୧୪ ନଂ. ଜୋନ ପାଇଁ ଦମୟନ୍ତୀ ଜେନା, ୧୫ ନଂ. ପାଇଁ ସଞ୍ଜୁଲତା ରାୟ ଓ ସାଧାରଣ ସମ୍ପାଦିକା ଭାବେ ୧୧ ନଂ. ପାଇଁ ସୁମିତ୍ରା ବାରିକ, ୧୨ ନଂ. ଭାନୁମତି ଓଝା, ୧୩ ନଂ. ସୁଜାତା ସାହୁ, ୧୪ ନଂ. ପାଇଁ ରେଣୁବାଳା ଦାସ ଏବଂ ୧୫ ନଂ. ଜୋନ ପାଇଁ ସୁମିତ୍ରା ପ୍ରଧାନ ମନୋନୀତ ହୋଇଛନ୍ତି। ଏଥିସହ ସୋସିଆଲ ମିଡିଆର ସଂଯୋଜକ ଭାବେ ମୋନାଲିସା ନାୟକ, ସବିତା ସାହୁ ଓ କୋଷାଧ୍ୟକ୍ଷ ଭାବେ ଚାରୁଲତା ଓଝା ମନୋନୀତ ହୋଇଛନ୍ତି ବୋଲି ବ୍ଲକ ମହିଳା କମିଟି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଜାଲ ମଷ୍ଟରରୋଲରେ ଅର୍ଥ ଆତ୍ମସାତ୍ ଉଦ୍ୟମ

## ପଥପାର୍ଶ୍ୱ ବନୀକରଣ

ରଗଡି,୩୧।୮(ଡି.ଏନ.ଏ.)



ଚାରା ରୋପଣ କରାଯାଇଛି।

ଆବଶ୍ୟକ ସ୍ଥାନରେ ଚାରାରୋପଣ କରି ରାଜ୍ୟକୁ ସବୁଜ ସୁନ୍ଦର କରି ଗଢି ତୋଳିବାକୁ ବନୀକରଣ ଯୋଜନା ହାତକୁ ନିଆଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମଧ ଗ୍ରାମାଞ୍ଚଳର ପଥପାର୍ଶ୍ୱ ଚାରାରୋପଣ କାମ ଚାଲିଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଏହାର ଅଗ୍ରଗତି ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି।

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ କଚରାସାହି ପଞ୍ଚାୟତ ଅସନଗଡ଼ିଆ ଗ୍ରାମଠାରୁ ରଣପୁର ପଞ୍ଚାୟତ ରଘୁପୁର ଗ୍ରାମ ୧୪ କିମି ପର୍ଯ୍ୟନ୍ତ ପଥପାର୍ଶ୍ୱ ବନୀକରଣ କାମକୁ ଏହାର ଉଦାହରଣ ଭାବେ ନିଆଯାଇ ପାରେ। ଏଠାରେ ୩୫୦୦ ଚାରାରୋପଣ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ୧୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯିବା ସହ ସେହି କାମକୁ ଯାଜପୁର ରୋଡ଼ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସ୍ଥାନୀୟ ଲୋକଙ୍କୁ ଏହି କାମରେ ନିୟୋଜିତ କରିବାର ନିୟମ ରହିଥିବା ବେଳେ ବନବିଭାଗ ଜିଲା ବାହାରୁ ଶ୍ରମିକଙ୍କୁ ଆଣି କାମ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ନିଜର କେତେଜଣ କର୍ମଚାରୀ, ଯେଉଁମାନେ ବନବିଭାଗରୁ ପ୍ରତିମାସ ଦରମା ନିଅନ୍ତି ସେମାନଙ୍କୁ ଏହି ବନୀକରଣ କାର୍ଯ୍ୟରେ ନିୟୋଜିତ କରି କାମ କରାଯାଉଛି। ଏପରି କି ଜାଲ ମଷ୍ଟରରୋଲ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳର କେତେଜଣ ଶ୍ରମିକଙ୍କ ନାମରେ ମିଥ୍ୟା ଜବ୍‌କାର୍ଡ ତିଆରି କରି ୩ ଲକ୍ଷ ୧୯ ହଜାର ଟଙ୍କା ଆତ୍ମସାତ୍ କରିବାକୁ ଯୋଜନା ହେଉଛି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ଗୋଟିଏ ଗଛ ଓ ଗୋଟିଏ ନେଟ୍‌ର ମୂଲ୍ୟ ୩୭୮ ଟଙ୍କା ଦର୍ଶାଇ ୧୩ ଲକ୍ଷ ୨୬ ହଜାର ଟଙ୍କାର ମେଟେରିଆଲ ବିଲ ହୋଇଛି। ସେହିପରି ରୋପଣ କରାଯାଇଥିବା ଚାରାରେ କୌଣସି ଜୈବିକ ସାର କିମ୍ବା ଖତ ବ୍ୟବହାର ହେଉନାହିଁ। ଚାରା ରୋପଣ କରୁଥିବା ଶ୍ରମିକମାନଙ୍କୁ ଗଛ ପିଛା ୨୫ ଟଙ୍କାର ଠିକା ଦେଇ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିବାକୁ ଉଦ୍ୟମ କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ଯାଜପୁର ରୋଡ଼ ବନବିଭାଗ ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ କାମ ଠିକ୍ ଚାଲିଛି। ସ୍ଥାନୀୟ ଶ୍ରମିକ କାମ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଜିଲା ପ୍ରକଳ୍ପ ଅଧିକାରୀ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଗୁଣି ସନ୍ଦେହରେ ଆକ୍ରମଣ କରିଥିଲେ ପୁତୁରା

କାଳିଆପାଣି,୩୧।୮(ଡି.ଏନ.ଏ.)



ଗିରଫ ସୁଧାଂଶୁ ମହାନ୍ତ।

କାଳିଆପାଣି ଥାନା ଅଧୀନ କାଙ୍କଡ଼ପାଳ ପଞ୍ଚାୟତ ଚଟକିପଶି ଗାଁର ବୃଦ୍ଧ ନାରାୟଣ ମହାନ୍ତଙ୍କୁ ତାଙ୍କ ସମ୍ପର୍କୀୟ ପୁତୁରା କଟୁରିରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପର୍କୀୟ ପୁତୁରା ସୁଧାଂଶୁ ମହାନ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି।

ସୁଧାଂଶୁ ପୋଲିସକୁ ଦେଇଥିବା ବୟାନରେ କହିଛନ୍ତି, ତାଙ୍କୁ ଜ୍ୱର ହେଉଥିଲା। ସେ ବିଭିନ୍ନ ସ୍ଥାନରେ ଡାକ୍ତରଙ୍କୁ ଦେଖାଇ ଔଷଧ ଖାଉଥିଲେ ମଧ କିଛି ଦିନ ଅନ୍ତରରେ ପୁଣି ଜ୍ୱର ହେଉଥିଲା। ପଡ଼ୋଶୀ ନାରାୟଣ ଗୁଣି ଗାରେଡ଼ି କରୁଥିଲେ। ସେଥିଲାଗି ଜ୍ୱର ଭଲ ହେଉ ନ ଥିବା ସନ୍ଦେହ କରି ସୁଧାଂଶୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରି ୨୫ ତାରିଖରେ ଆକ୍ରମଣ କରିଥିଲେ। ଆକ୍ରମଣରେ ନାରାୟଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ନାରାୟଣ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୮୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରକାଶଯୋଗ୍ୟ, ଏହି ଅଞ୍ଚଳରେ ଦିନକୁ ଦିନ ଅନ୍ଧ ବିଶ୍ୱାସ ବଢ଼ିବାରେ ଲାଗିଛି। କିଛି ଦିନ ପୂର୍ବରୁ ଘା' ଭଲ ନ ହେବାରୁ ସୁକିନ୍ଦା ଥାନା ହରିଡ଼ାବାହାଳି ଗ୍ରାମରେ ଜଣେ ବୃଦ୍ଧଙ୍କୁ ୨ ଯୁବକ ହତ୍ୟା କରିଥିଲେ। ଏହି ଘଟଣା ରାଜ୍ୟରେ ଚହଳ ପକାଇଥିଲା। ତେଣୁ ଏ ଦିଗରେ ପ୍ରଶାସନ ଜନ ସଚେତନତା ସୃଷ୍ଟି କରିବାକୁ ଦାବି ହୋଇଛି।

# ପେଟ୍‌କୋକ୍‌ର ରୋଡ୍ ପରିବହନ ଦାବିରେ ଧାରଣା

ପାରାଦୀପ,୩୧।୮(ସ୍ୱ.ପ୍ର.)




ଟ୍ରକ୍ ମାଲିକମାନେ ଧାରଣା ଦେଇଛନ୍ତି।

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ସଂଯୋଗ ରାସ୍ତାର ରଙ୍ଗିଆଗଡଠାରେ ମଙ୍ଗଳବାର ଜେସିସି(ଜଏଣ୍ଟ କୋ-ଅର୍ଡିନେସନ କମିଟି)ପକ୍ଷରୁ ଧାରଣା ଦିଆଯାଇଛି। ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ରାସ୍ତାରେ କିଛି ପେଟ୍‌କୋକ୍ ପରିବହନ ପାଇଁ ବ୍ୟବସ୍ଥା କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ଜେସିସି ପକ୍ଷରୁ ସୁମନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି, ପାରାଦୀପରେ ୩ ଟ୍ରକ ମାଲିକ ସଂଘ (ପାରାଦୀପ ଟ୍ରକ ମାଲିକସଂଘ, ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ଜଗତସିଂହପୁର ଜିଲା ଟ୍ରକ ମାଲିକ ସଂଘ)କୁ ନେଇ ଜେସିସି ଗଠିତ। ଏଥିରେ ୮ରୁ ୯ହଜାର ଟ୍ରକ ପଣ୍ୟ ପରିବହନ କରୁଛନ୍ତି। ତୈଳ ବିଶୋଧନାଗାର ପ୍ରକଳ୍ପ ୨୦୧୫ରେ ଲୋକାର୍ପଣ ହୋଇଥିଲା। ସେତେବେଳେ ଜେସିସି ଦାବି ଅନୁସାରେ ତୈଳବିଶୋଧନାଗାର ତତ୍କାଳୀନ ଅଧିକାରୀ ପ୍ରାଥମିକ ପର୍ଯ୍ୟାୟରେ ଉତ୍ପାଦିତ ପେଟ୍‌କୋକ୍‌କୁ ଟ୍ରକରେ ପରିବହନ କରୁଥିଲେ। ୨୦୧୬-୧୭ବେଳେ ତୈଳବିଶୋଧନାଗାରରୁ ୨୦ରୁ ୩୦ ଟନ ପେଟ୍‌କୋକ୍ ଉତ୍ପାଦନ ହେଉଥିଲା। ପରେ ଏଥିପାଇଁ ବଡ ଟ୍ରକ ଏବଂ ନ୍ୟାଶନାଲ ପରମିଟ କରିବାକୁ କୁହାଯାଇଥିଲା। ମାତ୍ର ୨୦୧୯ରୁ ପେଟକୋକ୍ ପରିବହନ ଟ୍ରେନ ଯୋଗେ କରାଯାଉଛି। ଏହାସତ୍ତ୍ୱେ ଟ୍ରକରେ କିଛି ପଣ୍ୟ ପରିବହନ ପାଇଁ ଦିଆଯାଉଥିଲା। ୨୦୨୦ ମାର୍ଚ୍ଚରେ କୋଭିଡ କଟକଣା ଲାଗୁ ହେବା ପରଠାରୁ ଟ୍ରକରେ ପେଟକୋକ୍ ପରିବହନ ବନ୍ଦ ହୋଇଯାଇଛି। ଏହି ପ୍ରସଙ୍ଗରେ ସଂଘ ପକ୍ଷରୁ ଏକାଧିକ ବାର ଚିଠି ଲେଖାଯିବା ସତ୍ତ୍ୱେ କୌଣସି ସୁଫଳ ମିଳି ନାହିଁ। ଏନେଇ ଟ୍ରକ ମାଲିକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାକୁ ବାଧ୍ୟ ହେଉଛନ୍ତି ବୋଲି କହିଛନ୍ତି।

# ବାପାଙ୍କୁ ହତ୍ୟା ପରେ ପୋଡ଼ି ଦେବା ଘଟଣା: ଆଉ ୩ ଗିରଫ

ଜେନାପୁର,୩୧।୮(ଡି.ଏନ.ଏ.)

ଜେନାପୁର ଥାନା ଅଧୀନ ମର୍ଜିତାପୁର ପଞ୍ଚାୟତ ବେଲଗାଡ଼ିଆ ଗ୍ରାମରେ ବାପାଙ୍କୁ ହତ୍ୟା ପରେ ୨ ପୁଅ ପୋଡ଼ିଦେବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଆଉ ୩ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ମୃତ ଘନଶ୍ୟାମଙ୍କ ଭିଣୋଇ ତଥା ଉକ୍ତ ଥାନା ଅଧୀନ ବାଲିଗରି ପାଟଣାର ନିରଞ୍ଜନ ଜେନା(୬୭), ତାଙ୍କ ପୁଅ ରଞ୍ଜନ କୁମାର ଜେନା(୩୪) ଓ ବେଲଗାଡ଼ିଆ ଗ୍ରାମର ପ୍ରଭାତ ପ୍ରଧାନ(୩୮)। ଘନଶ୍ୟାମଙ୍କ ସାନପୁଅଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର ପରେ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୋଲିସ ତଦନ୍ତ ଅନୁଯାୟୀ ଏମାନେ ପ୍ରମାଣ ନଷ୍ଟ କରିବାରେ ଘନଶ୍ୟାମଙ୍କ ୨ ପୁଅଙ୍କୁ ସହାୟତା କରିଥିଲେ।

ସୂଚନାଯୋଗ୍ୟ, ଶନିବାର ଘନଶ୍ୟାମ ମଦ୍ୟପାନ କରି ଘରେ ଗଣ୍ଡଗୋଳ କରିବାରୁ ତାଙ୍କ ୨ ପୁଅ ଏହାକୁ ବିରୋଧ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଘନଶ୍ୟାମ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ଯାଉଥିବାବେଳେ ୨ ପୁଅ ବାପାଙ୍କୁ ଠେଲି ଦେଇଥିଲେ। ଫଳରେ ଘନଶ୍ୟାମ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ଚପେଇ ଦେବାକୁ ବିଳମ୍ବିତ ରାତିରେ ଗ୍ରାମ ଶ୍ମଶାନରେ ଘନଶ୍ୟାମଙ୍କୁ ପୋଡ଼ି ଦିଆଯାଇଥିଲା। ତାଙ୍କ ଦୁଇ ପୁଅ ଏହି କାର୍ଯ୍ୟ କରିଥିବାବେଳେ ୩ ଜଣ ସମ୍ପର୍କୀୟ ସହଯୋଗ କରିଥିଲେ। ଖବର ପାଇ ଭାରପ୍ରାପ୍ତ ଥାନାଧିକାରୀ ଶ୍ରବଣ କୁମାର ମହାରଣା ପହଞ୍ଚି ଏହାର ତଦନ୍ତ କରିବା ସହ ଘନଶ୍ୟାମଙ୍କ ୨ପୁଅଙ୍କୁ ଥାନାକୁ ଆଣିଥିଲେ। ହତ୍ୟା ଓ ପ୍ରମାଣ ନଷ୍ଟ ଅଭିଯୋଗରେ ସୋମବାର ବଡ଼ ପୁଅ ଜଗନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସାନପୁଅ ନାବାଳକ ହୋଇଥିବାରୁ ତାଙ୍କୁ ଅଟକ ରଖାଯାଇଥିଲା।

# ଆତ୍ମା କମିଟି ଗଠନରେ ବିଳମ୍ବ, ଚାଷୀ ଅସନ୍ତୁଷ୍ଟ

ରଘୁନାଥପୁର, ୩୧।୮(ଡି.ଏନ୍.ଏ.)

କୃଷି ଓ କୃଷକଙ୍କ ପ୍ରଗତି ପାଇଁ ଜଗତସିଂହପୁର ଜିଲା ରଘୁନାଥପୁର ବ୍ଲକରେ ଆତ୍ମା ସଂସ୍ଥା ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛି। ତେବେ ଗତ ୩ ମାସ ତଳୁ ଏହି କମିଟିର କାର୍ଯ୍ୟକାଳ ଶେଷ ହୋଇଯାଇଛି। ମାତ୍ର ନୂତନ କମିଟି ଗଠନ କରାଯାଇ ନାହିଁ। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କମିଟି ଗଠନ ନ କରି, ଚାଷୀଙ୍କୁ ଅନ୍ଧାରରେ ରଖି ଏହି ସଂସ୍ଥା ଜରିଆରେ ଆସୁଥିବା ଅନୁଦାନ ଅର୍ଥକୁ ହଡପ କରିବା ପାଇଁ ମସୁଧା ଚାଲୁଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ଅଭିଯୋଗ କ୍ରମେ ବିଧାୟକ ବିଜୟଶଙ୍କର ଦାସ ତୁରନ୍ତ କମିଟି ଗଠନ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସିଡିପିଓ ଓ ବିଡିଓଙ୍କ ପାଖରେ କାର୍ଯ୍ୟ ଅଟକି ରହିଥିବା ଜଣାପଡ଼ିଛି। ସିଡିପିଓ ଓ ବିଡିଓଙ୍କ ପକ୍ଷରୁ ୪ଜଣ ସଦସ୍ୟଙ୍କ ନାମ ଦିଆଯାଇ ନଥିବାରୁ କମିଟି ଗଠନରେ ବିଳମ୍ବ ହେଉଛି। ଖୁବଶୀଘ୍ର ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ୨ ସଦସ୍ୟଙ୍କ ନାମ ଦେବେ ବୋଲି କହିଛନ୍ତି। ତେବେ ବିଡିଓ ଜିତେନ୍ଦ୍ର କୁମାର ନାୟକ କୁହନ୍ତି ଯେ ନାମ ଚୟନକୁ ନେଇ ବିବାଦ ଥିବାରୁ କମିଟି ଗଠନରେ ବିଳମ୍ବ ହେଉଛି।

# ଚାଷୀ ସତ୍ୟାଗ୍ରହ ପ୍ରତ୍ୟାହୃତ

ପାରାଦୀପ,୩୧।୮(ସ୍ୱ.ପ୍ର.)

ପାରାଦୀପ ପିପିଏଲ କମ୍ପାନୀ ମୁଖ୍ୟ ଫାଟକ ଆଗରେ ଗତ ୨୭ ରୁ ଚାଲିଥିବା ଚାଷୀ ସତ୍ୟାଗ୍ରହ ମଙ୍ଗଳବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଯାଇଛି। କମ୍ପାନୀ, ପ୍ରଶାସନ ଓ ଚାଷୀ ସଂଗଠନ ଆଲୋଚନା ପରେ ସତ୍ୟାଗ୍ରହ ଉଠିଥିଲା। ନବନିର୍ମାଣ ଚାଷୀ ସଂଗଠନ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାକୁ କମ୍ପାନୀ ମାନିନେଇଛି ବୋଲି ସଂଗଠନ ଆବାହକ ବିଷ୍ଣୁ ଚରଣ ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ ଯେ କମ୍ପାନୀ ପାଇଁ ଜମି ହରାଇଥିବା ଯେଉଁ ଚାଷୀ ଏପର୍ଯ୍ୟନ୍ତ ଅର୍ଥ ପାଇନାହାନ୍ତି ସେମାନଙ୍କୁ ଅର୍ଥ ଦେବା ଏବଂ ଜମିହରାଙ୍କୁ ନିଯୁକ୍ତି ଦାବିରେ ଏହି ସତ୍ୟାଗ୍ରହ ହୋଇଥିଲା। ଏ ନେଇ ସନ୍ଧ୍ୟାରେ ସ୍ଥାନୀୟ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ ବସିଥିଲା। ପ୍ରଶାସନ ପକ୍ଷରୁ ଏଡିଏମ କାହ୍ନୁଚରଣ ଧୀର,ଏଏସପି ନିମାଇଁ ସେଠୀ, ପିପିଏଲର ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ସୁଧୀରଞ୍ଜନ ମିଶ୍ର, ସଂଗଠନର ବିଷ୍ଣୁଙ୍କ ସମେତ ପ୍ରମୋଦ କୁମାର ଜେନା, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜମି ହରାଇଥିବା ଚାଷୀ ଆସନ୍ତା୧୨ ତାରିଖରେ କୁଜଙ୍ଗ ତହସିଲଦାରଙ୍କ ନିକଟରେ ଲିଗାଲହେୟାର ଡକ୍ୟୁମେଣ୍ଟ ଧରି ଯାଇ ପହଞ୍ଚିବା ପରେ ଅର୍ଥ ମିଳିବ। ନିଯୁକ୍ତି ସୁଯୋଗ ସୃଷ୍ଟି ହେଲେ ଠିକାସଂସ୍ଥା ଜରିଆରେ ଅଗ୍ରାଧିକାର ଦିଆଯିବ ବୋଲି ବୈଠକରେ କୁହାଯାଇଥିଲା। କମ୍ପାନୀ ପକ୍ଷରୁ ମାନବସମ୍ବଳ ଅଧିକାରୀ ଖୁଣ୍ଟିଆ ସୂଚନା ଦେଇଥିଲେ, ଉକ୍ତ ଅର୍ଥ ୨୦୧୨ରୁ ପ୍ରଶାସନ ନିକଟରେ ଅଛି। ସେଥିପାଇଁ ବିଗତ ଦିନରେ ଏକାଧିକ ବାର ନୋଟିସ ହୋଇଛି। ମାତ୍ର ଦାବିଦାର ମିଳୁନଥିବାରୁ ପ୍ରଶାସନ ଅର୍ଥ ଦେଇପାରିନାହିଁ। ଏଥିରେ କମ୍ପାନୀର କୌଣସି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ତଦନ୍ତ ଦାବି

ଯାଜପୁର ଟାଉନ,୩୧।୮(ଡି.ଏନ.ଏ.)



ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ଡାହାଣହତା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ଦୁର୍ନୀତିର ତଦନ୍ତ ଦାବି ହୋଇଛି। ଏନେଇ ସ୍ଥାନୀୟ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧିମଣ୍ଡଳୀ ଦାବିପତ୍ରରେ ଦର୍ଶାଇଛନ୍ତି, ଡାହାଣହତା ପଞ୍ଚାୟତକୁ କରୋନା ସମୟରେ ବହୁ ପ୍ରବାସୀ ଶ୍ରମିକ ଫେରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ସୃଷ୍ଟି ନିମନ୍ତେ କୋଟି କୋଟି ଟଙ୍କା ପଠାଇଥିଲେ। ସେହି ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ହେବା କଥା। କିନ୍ତୁ ବିଭିନ୍ନ ପ୍ରକଳ୍ପକୁ ମିଥ୍ୟା ବିଲ୍ କରାଯାଇ ଅନୁଦାନ ହଡ଼ପ କରାଯାଇଛି। ପଞ୍ଚାୟତର ଖେଳପଡିଆ, ସର୍ବସାଧାରଣ ଶୌଚାଳୟ, ପଞ୍ଚାୟତ ଗ୍ରାମୀଣ ପାର୍କ, ପୋଖରୀ ଖନନ ଆଦିରେ ଏସବୁ ଅର୍ଥ ହଡ଼ପ କରାଯାଇଛି। ତେଣୁ ପ୍ରକଳ୍ପ ନିର୍ଦ୍ଦେଶକ ତୁରନ୍ତ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସୁଦୀପ୍ତ ସାମଲ, ସଞ୍ଜୟ ନାୟକ, ଆଶୁତୋଷ ପାଣିଗ୍ରାହୀ, ଶ୍ରୀନିବାସ ପରିଡ଼ା, ପତିତ ପାବନ ମହାନ୍ତି, ସୁନୀଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ମାମଲା

ରସୁଲପୁର,୩୧।୮(ଡି.ଏନ.ଏ.)

କୁଆଖିଆ ଥାନା ଅଧୀନ ବଡ଼ନିରଞ୍ଜନପୁର ଗ୍ରାମର ପରଣୀ ଦାସଙ୍କ ପୁଅ ସ୍ମୃତିରଞ୍ଜନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସାରଙ୍ଗପୁର ଗ୍ରାମର ପ୍ରଦୀପ ସାହୁଙ୍କ ପୁଅ ଲକି ତାଙ୍କୁ ଆକ୍ରମଣ କରିଛନ୍ତି। ଏନେଇ ସ୍ମୃତିରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ.୨୯୦/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୂର୍ବ ବିବାଦକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ଉପୁଜିଥିବା ଜଣାଯାଇଛି। ଘଟଣା ଦିନ ସ୍ମୃତିରଞ୍ଜନ ସାରଙ୍ଗପୁର ଛକରେ ଥିବା ଏକ ପାନ ଦୋକାନ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ଲକି ଏକ ଛୁରି ଓ ବ୍ୟାଟ ଧରି ଆସି ପଛପଟୁ ଅତର୍କିତ ଭାବରେ ସ୍ମୃତିରଞ୍ଜନଙ୍କୁ ଆକ୍ରମଣ କରିଥିଲେ। କୌଶଳ କ୍ରମେ ସ୍ମୃତିରଞ୍ଜନ ଘଟଣା ସ୍ଥଳରୁ ଖସି ପଳାଇଥିଲେ। ମାତ୍ର ବ୍ୟାଟ୍ ପ୍ରହାରରେ ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଛି। ଛୁରି ଦ୍ୱାରା ପେଟକୁ ଆଘାତ ଦେବାରୁ ଗଭୀର କ୍ଷତାକ୍ତ ହୋଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।



ଆକ୍ରମଣର ଶିକାର ସ୍ମୃତିରଞ୍ଜନ।

# ଚିଙ୍ଗୁଡି ଘେରି ଉଚ୍ଛେଦ ଜାରି




ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି।

ରାଜନଗର, ୩୧।୮(ଡି.ଏନ.ଏ.)

ଭିତରକନିକା ସୀମା ସରହଦରେ ଥିବା ବେଆଇନ ଚିଙ୍ଗୁଡି ଘେରିଗୁଡିକୁ ବନ ବିଭାଗ ପକ୍ଷରୁ ଗତକାଲିଠାରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରଖିଛନ୍ତି। ଆଜି ରଙ୍ଗଣୀ ପଞ୍ଚାୟତର ଗୁମୁରାଘାଟ, ଗୋପାଳଜୀଉପାଟଣା, ବାଲୁଙ୍ଗାପାଟିଆର ୫୦ ହେକ୍ଟର ସ୍ଥାନରେ ନିର୍ମାଣ କରାଯାଇଥିବା ବେଆଇନ ଚିଙ୍ଗୁଡି ଘେରିଗୁଡିକୁ ଉଚ୍ଛେଦ କରାଯାଇଛି। କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ସୁନୀଲ କୁମାର ରାଉତରାୟ, ଲକ୍ଷ୍ମୀଧର ବାରିକ, ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖଙ୍କୁ ନେଇ ଗଠିତ ଟିମ୍ ମଙ୍ଗଳବାର ଏହି ସବୁ ଅଞ୍ଚଳର ୩୦ ହେକ୍ଟର ଜଙ୍ଗଲ ଜମିରେ ନିର୍ମିତ ଘେରି ଏବଂ ୨୦ ହେକ୍ଟର ବ୍ୟକ୍ତିଗତ ଜମିରେ ନିର୍ମାଣ ଘେରିକୁ ଉଚ୍ଛେଦ କରିଛନ୍ତି। ୨ ଦିନରେ ବନବିଭାଗର ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପକ୍ରିୟା ଚିଙ୍ଗୁଡି ମାଫିଆଙ୍କ ଆଖିରୁ ନିଦ ହଜାଇ ଦେଇଛି। ଏହି ପକ୍ରିୟା ଜାରି ରହିବ ବୋଲି ରେଞ୍ଜ ଅଫିସର ଦାସ ସୂଚନା ଦେଇଛନ୍ତି।

# ଛାତ୍ରଙ୍କୁ ହତ୍ୟା ଧମକ ଦେଲେ ସହପାଠୀ

ଚଣ୍ଡିଖୋଲ,୩୧।୮(ଡି.ଏନ.ଏ.)

- ପୂର୍ବ ଆକ୍ରମଣର ଭିଡିଓ ଭାଇରାଲ କରି ଡରାଇଲେ
- ଥାନାରେ ଅଭିଯୋଗ, ପୋଲିସ ତଦନ୍ତ ଆରମ୍ଭ

ଜଣେ କଲେଜ ଛାତ୍ରଙ୍କୁ ତାଙ୍କର କେତେଜଣ ସହପାଠୀ ପୂର୍ବରୁ ଏକ ନିଛାଟିଆ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ପୁଣି ଏବେ ସେମାନେ ତାଙ୍କୁ ହତ୍ୟା ଧମକ ଦେଉଛନ୍ତି। ଏପରି କି ପୂର୍ବରୁ ଆକ୍ରମଣ କରିଥିବାର ଏକ ଭିଡିଓ ଭାଇରାଲ କରି ତାଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି। ଏହି ଭିଡିଓ ଦୁଇ ଦିନ ହେବ ସାମାଜିକ ଗଣମାଧମରେ ଭାଇରାଲ ହୋଇଛି, ଯାହାକୁ ନେଇ ଆକ୍ରମଣର ଶିକାର ଛାତ୍ରଙ୍କ ବାପା ମଙ୍ଗଳବାର ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ନଂ. ୨୬୧/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ବାଲିଚନ୍ଦ୍ରପୁର ଥାନା ଅଧୀନ ବାଲିକୁଦା ଗ୍ରାମର ଅନିରୁଦ୍ଧ ଦଳାଇଙ୍କ ପୁଅ ରାଜା ବରୀ ବ୍ଲକ ସ୍ଥିତ ଏକ ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ପାଞ୍ଚ ମାସ ତଳେ ଅର୍ଥାତ ମାର୍ଚ୍ଚ ୧୬ରେ ରାଜା ମହାବିଦ୍ୟାଳୟରୁ ଫେରୁଥିଲେ। ବାଲିଚନ୍ଦ୍ରପୁର ଥାନା ଅଧୀନ ବରପଦା ପଞ୍ଚାୟତ ପଙ୍କହୁଡ଼ା ଛକ ନିକଟରେ ପୂର୍ବରୁ ଜଗି ରହିଥିବା ୫ଜଣ ଛାତ୍ର ହଠାତ ରାଜାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ରାଜା ପ୍ରାଣ ବିକଳରେ ଦୌଡୁଥିବା ବେଳେ ସହପାଠୀମାନେ କିନ୍ତୁ ତାଙ୍କୁ ଛାଡ଼ି ନ ଥିଲେ। ସେମାନେ ଗୋଡ଼ାଇଗୋଡ଼ାଇ ବାଡ଼େଇଥିଲେ। ବାଡ଼େଇଥିବା ଛାତ୍ରଙ୍କ ମଧ୍ୟରୁ ଜଣେ ଏହି ଦୃଶ୍ୟକୁ ମୋବାଇଲରେ ଉତ୍ତୋଳନ କରିଥିଲେ। ତେବେ ସେ ସମୟରେ ମାଡ଼ ମାରିଥିବା ଛାତ୍ରଙ୍କ ଅଭିଭାବକ ଓ କେତେଜଣ ମୁରବି ହସ୍ତକ୍ଷେପ କରି ଆପୋସ ଆଲୋଚନା ମାଧ୍ୟମରେ ଘଟଣାର ସମାଧାନ କରିଥିଲେ। ସେଥିପାଇଁ ଘଟଣା ପଦାକୁ ଆସି ନ ଥିଲା। ମାତ୍ର ଏବେ ସେହି ସହପାଠୀମାନେ ରାଜାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ପାଞ୍ଚ ମାସ ତଳର ମାଡ଼ମରା ଭିଡିଓକୁ ଭାଇରାଲ କରିଛନ୍ତି ବୋଲି ରାଜାଙ୍କ ବାପା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସାମାଜିକ ଗଣମାଧମରେ ଭାଇରାଲ ହେଉଥିବା ଏହି ୩ ମିନିଟ ଭିଡିଓକୁ ଦେଖି ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ମହଲରୁ ଘଟଣାକୁ ଦୃଢ ନିନ୍ଦା କରାଯିବା ସହ ଏଭଳି ହିଂସା ଆଚରଣ କରିଥିବା ଛାତ୍ରଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଗଣ୍ଡଗୋଳ କରୁଥିବା ଛାତ୍ରମାନେ ମହାବିଦ୍ୟାଳୟର ୟୁନିଫର୍ମ ପିନ୍ଧି ଥିବାରୁ ଘଟଣା ବରୀ ଅଞ୍ଚଳରେ ଘଟିଥିବା ଆଲୋଚନା ହେଉଥିଲା। ମଙ୍ଗଳବାର ରାଜାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ଘଟଣାଟି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ବୋଲି ସ୍ପଷ୍ଟ ହୋଇଛି। ଏନେଇ ଥାନାଧିକାରୀ ବିଜୟନୀ ମଲ୍ଲଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଆନ୍ଦୋଳନ ଧମକ ଦେଲେ ଗ୍ରାମପଞ୍ଚାୟତ କର୍ମଚାରୀ

**ନୟାଗଡ଼ ଅଫିସ,୩୧।୮:** ସ୍ଥାନୀୟ ଭୈରବୀ ପୀଠରେ ନୟାଗଡ଼ ଜିଲାସ୍ତରୀୟ ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ, ରାତ୍ର ଜଗୁଆଳି ଓ ସଫେଇ କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ବିଜୟ କୁମାର ବରାଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ୮ ବ୍ଲକ ୧୯୪ ପଞ୍ଚାୟତର ୧୬୧ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ୬୮ ରାତ୍ରଜଗୁଆଳି ଯୋଗ ଦେଇଥିଲେ । କର୍ମଚାରୀଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଓଡ଼ିଶା ଗ୍ରାମ ପଞ୍ଚାୟତ ୧୨୫/୨୦୧୪ ରୁଲକୁ ତୁରନ୍ତ ସଂଶୋଧନ କରିବା ଓ ସମାନ କାମକୁ ସମାନ ଦରମା ଦେବା ପାଇଁ ଅନୁରୋଧ କରାଯାଇଛି । ସରକାର ଦାବି ପୂରଣ ନ କଲେ ସଂଘ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

### ଟ୍ରକରୁ ଡିଜେଲ ଚୋରି

**ନୟାଗଡ଼ ଅଫିସ,୩୧।୮:** ନୂଆଗାଁ ଥାନା ମହିପୁରଠାରେ ୩ଟି ଟ୍ରକରୁ ଡିଜେଲ ଚୋରି ହୋଇଛି । ସମ୍ବଲପୁର ଅଭିମୁଖେ ଯାଜପୁରର ୩ ଟ୍ରକ ଯାଉଥିଲା । ସୋମବାର ରାତିରେ ଡ୍ରାଇଭରମାନେ ମହିପୁରରେ ଟ୍ରକ ରଖି ବିଶ୍ରାମ ନେଇଥିଲେ । ଏହାର ସୁଯୋଗ ନେଇ ଡିଜେଲ ଚୋରି ହୋଇଥିବା ଜଣାପଡିବା ପରେ ଡ୍ରାଇଭରମାନେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା(ନଂ. ୧୧୩/୨୧) ରୁଜୁ କରି ତଦନ୍ତ ଚାଲୁ ରଖିଛି ।

### ନୟାଗଡ଼କୁ ଟ୍ରେନ ଚଳାଚଳ ଆରମ୍ଭ

**ନୟାଗଡ଼ ଅଫିସ,୩୨।୮:** ଭୁବନେଶ୍ୱରରୁ ନୟାଗଡ଼ ଟାଉନ ଷ୍ଟେଶନକୁ ଟ୍ରେନ ଚଳାଚଳ ଆରମ୍ଭ ହୋଇଛି । ମଙ୍ଗଳବାର ରାତିରେ ସେବା ଏକ୍ସପ୍ରେସ ପହଞ୍ଚିଛି । ବୁଧବାରଠାରୁ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ଖବର ମିଳିଛି । କରୋନା କଟକଣା ଯୋଗୁ ନୟାଗଡ଼କୁ ରେଳ ଚଳାଚଳ ବନ୍ଦ ରହିଥିଲା ।

### ଖଣ୍ଡପଡ଼ାରେ ମାଙ୍କଡ, ବାର୍‌ହା ଉପଦ୍ରବ

**ଖଣ୍ଡପଡ଼ା,୩୧।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳରେ ଦିନରେ ମାଙ୍କଡ ଓ ରାତିରେ ବାର୍‌ହାଙ୍କ ଉପଦ୍ରବ ଯୋଗୁ ପନିପରିବା,ଆଖୁ, ଧାନ ଓ ରବିଫସଲରେ ବ୍ୟାପକ କ୍ଷତି ଘଟିଛି ବୋଲି ବ୍ଲକ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ କହିଛନ୍ତି, ସଞ୍ଜ ନଇଁଲେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବାର୍‌ହା ପଲ ଚାଷଜମିକୁ ଆସି ଫସଲ ନଷ୍ଟ କରୁଛନ୍ତି । ବିଶେଷ କରି ବାଣପୁର ପଞ୍ଚାୟତ ଅଧୀନ ଚୈତନ୍ୟପୁର ଓ ଏହାର ଆଖାପାଖ ଅଞ୍ଚଳକୁ ରାତିରେ ବାରହାମାନେ ଆସି ସାରୁ, ମକା, ବାଇଗଣ ଆଦି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି । ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁ ଫସଲ ନଷ୍ଟ ହୋଇଛି । ଏବେ ବାର୍‌ହାଙ୍କ ଉପଦ୍ରବ ସହ ମାଙ୍କଡଙ୍କ ଦୌରାତ୍ମ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏ ସଂକ୍ରାନ୍ତରେ ଚାଷୀମାନେ ଖଣ୍ଡପଡ଼ା ବନବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି ।

# ମାଲିକ, ଦଲାଲ, ୨ନର୍ସ ସମେତ ୫ଗିରଫ

- ଭ୍ରୂଣ ହତ୍ୟା ମହଙ୍ଗା ପଡ଼ିଲା
- ଡାକ୍ତର ନ ହୋଇ ମାଲିକ କରାଉଥିଲେ ଗର୍ଭ ନଷ୍ଟ

**ନୟାଗଡ଼ ଅଫିସ,୩୧।୮**

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ପଛପାଖରେ ଥିବା ଘରୋଇ ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ରେ ଭ୍ରୂଣ ହତ୍ୟା ମହଙ୍ଗା ପଡିଛି । ଜିଲାପାଳଙ୍କ ନିର୍ଦ୍ଦେଶରେ ନୟାଗଡ଼ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସୋମବାର ରାତିରେ ଚଢ଼ାଉ କରି ବେଆଇନ ଗର୍ଭପାତ କରାଉଥିବା ଅଭିଯୋଗରେ ୫ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା । ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଏସ୍‌ଡିପିଓ, ନୟାଗଡ ଟାଉନ ଥାନା ଆଇଆଇସି ଉକ୍ତ ଘରୋଇ ହସ୍ପିଟାଲରେ ପହଞ୍ଚି କାଗଜପତ୍ର ଓ ବିଭିନ୍ନ ଉପକରଣ ଜବତ କରିଥିଲେ । ହସ୍ପିଟାଲକୁ ଅସ୍ଥାୟୀ ଭାବେ ସିଲ୍ କରାଯାଇଛି । ମଙ୍ଗଳବାର ୫ ଜଣଙ୍କୁ ଗିରଫ ଦର୍ଶାଯାଇଛି । ଅଭିଯୁକ୍ତମାନେ ହେଲେ ଘରୋଇ ହସ୍ପିଟାଲର ମାଲିକ ବକଳବନ୍ଧ ଗାଁର ସତ୍ୟପ୍ରିୟ ସ୍ୱାଇଁ, ଦଲାଲ ଖଣ୍ଡପଡ଼ା ଖଳିସାହିର ରାଜ କିଶୋର ସାହୁ, ଦୁଇ ନର୍ସ ଫୁଲବାଣୀର ବନିତା ରାଉତ ଓ ନୟାଗଡ଼ ରଣପୁର କୁଳାସରର ସଙ୍ଗୀତା ମହାନ୍ତି, ଗର୍ଭପାତ ହେଉଥିବା ମହିଳାଙ୍କ ସ୍ୱାମୀ ବାହାଡାଝୋଲା ନିକଟବର୍ତ୍ତୀ ତୋଡିସାହିର ଗଣେଶ ପ୍ରଧାନ । ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି । ହସ୍ପିଟାଲର ମାଲିକ ଡାକ୍ତର ନ ହୋଇବି ଗର୍ଭପାତ କରାଇଥିବା ଜଣାପଡିଛି ।



ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍ ସମ୍ମୁଖରେ ସ୍ୱତନ୍ତ୍ର ପୋଲିସ ଟିମ୍ ।

ପୋଲିସ ସୂଚନା ଅନୁସାରେ ବାହାଡାଝୋଲା ନିକଟବର୍ତ୍ତୀ ତୋଡିସାହିର ଏକ ଦମ୍ପତି ଗର୍ଭ ନଷ୍ଟ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୋମବାର ଆସିଥିଲେ । ଦଲାଲ ଖଳିସାହିର ରାଜ କିଶୋର ସାହୁ ସେହି ଦମ୍ପତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗର୍ଭପାତ ହେବନି କହିଥିଲେ । ଏପରିକି କମ ଖର୍ଚ୍ଚରେ ଘରୋଇ ହସ୍ପିଟାଲରେ ଗର୍ଭପାତ କରାଇ ହେବ କହି ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକକୁ ନେଇଥିଲେ । ସେଠାରେ ଗର୍ଭପାତ କରାଇଥିଲେ । ଏଥିପାଇଁ ଦଲାଲ ୧୩ ହଜାର ଟଙ୍କା ନେଇଥିଲେ । ନିଜେ ୪ ହଜାର ରଖି ଅବଶିଷ୍ଟ ଅର୍ଥ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶରେ ନୟାଗଡ଼ ତହସିଲଦାର ଭିକାରୀ ସାହୁ, ନୟାଗଡ଼ ଟାଉନ ଥାନା ଆଇଆଇସି, ସିଡିଏମ୍‌ଓଙ୍କ ପକ୍ଷରୁ ଗାଇନିକ୍ ଡାକ୍ତର ଅରବିନ୍ଦ ମହାପାତ୍ର ପ୍ରମୁଖ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ୪ଜଣଙ୍କୁ ପଚରାଉଚୁରା ପାଇଁ ଅଣା ଯାଇଥିଲା । ପରେ ଦଲାଲଙ୍କୁ ପଚରାଉଚୁରା କରିବା ପରେ ମଙ୍ଗଳବାର ୫ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟ ଜଣଙ୍କୁ ପଚରାଉଚୁରା ଚାଲିଛି । ଏନେଇ ଏସ୍‌ପି ସିର୍ଦ୍ଧାର୍ଥ କଟାରିଆ କୁହନ୍ତି, ସିଡିଏମଓଙ୍କ ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା(ନଂ.୧୮୨/୨୧)ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଏହି ଘଟଣାରେ ୫ଜଣ ଗିରଫ ହୋଇଛନ୍ତି । ନୟାଗଡ଼ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ଘରୋଇ ହସ୍ପିଟାଲ ଅସ୍ଥାୟୀ ଭାବେ ସିଲ୍ ହୋଇଛି । ସେଠାରୁ କିଛି କାଗଜପତ୍ର ଜବତ କରାଯାଇଛି ।

# ବିକାଶ ପାଇଁ ସହଯୋଗ, ତ୍ୟାଗ ଜରୁରୀ



ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ ।

## ନୟାଗଡ଼ରେ ସ୍ୱାୟତ୍ତ ଶାସନ ଦିବସ ସମାରୋହ

**ନୟାଗଡ଼ ଅଫିସ,୩୧।୮**

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗ ଦେଇ ସହରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ତ୍ୟାଗ ରହିବା ଦରକାର, ଏଥିସହିତ ଅନୁଶାସନ ଓ ଶୃଙ୍ଖଳା ପ୍ରତିଷ୍ଠିତ ହେବା ଦରକାର ବୋଲି କହିଥିଲେ । ମହାନଦୀରୁ ପାଇପ ଯୋଗେ ସହରକୁ ପାନୀୟ ଜଳ ଆସୁଥିଲେ ହେଁ ପ୍ରତି ଘରକୁ ପାଣି ଯୋଗାଇବା ପାଇଁ ୫୫ କୋଟି ଟଙ୍କା ମଞ୍ଜୁର ହୋଇଛି । ତେବେ ପାନୀୟ ଜଳକୁ ମୋଟର ଯୋଗେ ଉଠା ଯାଉଥିବାରୁ ଅଧିକାଂଶ ଲୋକେ ପାଣି ପାଉ ନାହାନ୍ତି । ପାନୀୟ ଜଳ ସଙ୍କଟ ପ୍ରତିବର୍ଷ ଦେଖା ଦେଉଛି । ଯେଉଁମାନେ ମୋଟର ଦ୍ୱାରା ପାଣି ଟାଣି ନେଉଛନ୍ତି ସେମାନେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦରକାର ବୋଲି ସେ କହିଛନ୍ତି । ଜିଲାପାଳ ତଥା ପୌର ପରିଷଦର ପ୍ରଶାସିକା ପୋମା ଟୁଡୁ ସଭାପତିତ୍ୱ କରି କହିଲେ ବଲାଙ୍ଗି ପାର୍କ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ଏହା ପର୍ଯ୍ୟଟନ ଶିଳ୍ପରେ ଏକ ମାଇଲ ଖୁଣ୍ଟ ସୃଷ୍ଟି କରିବ । ଭାଲୁଖୋଲଠାରେ ଏକ ଆଦର୍ଶ ଶ୍ମଶାନ ଘାଟର ନିର୍ମାଣ କାର୍ଯ୍ୟ ଜାରି ରହିଛି । ସାଗର ପୋଖରୀଠାରେ ଯୋଗକେନ୍ଦ୍ରର ନୂତନ କୋଠା ନିର୍ମାଣ କରାଯାଇଛି । ସେହିପରି ସ୍ୱାସ୍ଥ୍ୟପ୍ରଦ ମାଛ ବଜାର ନିର୍ମାଣ କାର୍ଯ୍ୟ ଇତି ମଧ୍ୟରେ ଆରମ୍ଭ ହୋଇଛି । ଏଥିରେ ଶୀତଳ ଭଣ୍ଡାର ସହିତ ୬୦ବଖରା ଗୃହ ନିର୍ମାଣ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ଶେଷ ହେବ ବୋଲି ସେ କହିଥିଲେ ।

ସମ୍ମାନୀତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ଯୋଗଦେଇ କହିଲେ, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା)ଯୋଜନାରେ ସହରର ବିଭିନ୍ନ ସ୍ଥାନରେ ୧୩୦ଟି ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଛି । ମହାମାରୀ କରୋନାର ଦ୍ୱିତୀୟ ଲହରୀରେ ମହିଳା ଓ ପୁରୁଷମାନଙ୍କୁ କାମଧନ୍ଦା ଯୋଗାଇବା ଓ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରାଇବା ଦିଗରେ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ । ଶେଷରେ ମୁଖ୍ୟଅତିଥି ୪୦ଜଣଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ଏବଂ ୧୦ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ । ସର୍ବ ପ୍ରଥମେ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ।

# ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ନୂଆରାଇପୁରବାସୀ



ତହସିଲଦାରଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

## ଜମି ଜବରଦଖଲ ବିବାଦ

**ନୂଆଗାଁ,୩୧।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ତହସିଲ ଅଧୀନ ନୂଆରାଇପୁର ଓ ଡାଳିମ୍ବମଡା ଗ୍ରାମବାସୀଙ୍କ ମଧ୍ୟରେ ଲାଗି ରହିଥିବା ଜମି ବିବାଦ ଦିନକୁ ଦିନ ଉଗ୍ରରୂପ ନେଉଛି । ମଙ୍ଗଳବାର ନୂଆରାଇପୁର ଗ୍ରାମବାସୀ ନୂଆଗାଁ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ।

ନୂଆରାଇପୁର ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦେବୋତ୍ତର ଜମିକୁ ନୂଆରାଇପୁରବାସୀ ପୁରୁଷାନୁକ୍ରମେ ଦଖଲ କରି ଆସୁଥିଲେ । ସେହି ଜମିରେ ସେମାନେ ରାସ୍ତା, ଗୋଚାରଣ ଆଦି କରୁଥିବା ବେଳେ ଉକ୍ତ ଜମିକୁ ଡାଳିମ୍ବମଡା ଗ୍ରାମବାସୀ ବଳ ପୂର୍ବକ ଦଖଲ କରି ସେଥିରେ ଶାଗୁଆନ ଗଛ ଲଗାଇବା ସହ ଶ୍ମଶାନ ଗୃହ ନିର୍ମାଣ କରୁଛନ୍ତି । ଏ ବାବଦରେ ନୂଆରାଇପୁରବାସୀ ଜିଲାପାଳଙ୍କଠାରୁ ଆରମ୍ଭ କରି ଦେବୋତ୍ତର ମ୍ୟାନେଜର , ଏଣ୍ଡୋମେଣ୍ଟ କମିଶନରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଏଣୁ ସେମାନେ ବାଧ୍ୟ ହୋଇ କୋର୍ଟର ଆଶୟ ନେଇଥିଲେ । ଫଳରେ ସେହି ଜମି ଉପରେ ୧୪୪ ଧାରା ଜାରି କରାଯାଇ ସମସ୍ତ କାର୍ଯ୍ୟରେ ରୋକ୍ ଲଗାଯାଇଥିଲା । ନୂଆରାଇପୁରବାସୀଙ୍କ ଅଭିଯୋଗ ଅନୁସାରେ ଡାଳିମ୍ବମଡା ଗ୍ରାମବାସୀ ୧୪୪ ଧାରାକୁ ଅବମାନନା କରି ସେହି ଜମିରେ ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିବା ବେଳେ ପ୍ରଶାସନ ନୀରବ ରହିଛି । ଏ ବାବଦରେ ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀଙ୍କୁ ପଚାରିବାରୁ ଯଦି କେହି ଆଇନକୁ ଅବମାନନା କରି କାମ କରୁଛନ୍ତି ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

### ଗ୍ରାମ୍ୟ ସମ୍ବଳ କର୍ମୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ପ୍ରଶିକ୍ଷଣ

**ନୂଆଗାଁ,୩୧।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କନ୍‌ଫରେନ୍ସ ହଲ୍‌ରେ ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ଦିନିକିଆ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଭତ୍ତା ବଣ୍ଟନ, ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟର ସ୍ୱଚ୍ଛତା ଦୃଷ୍ଟିରୁ ଗ୍ରାମ୍ୟ ସମ୍ବଳ କର୍ମୀଙ୍କୁ ଏଥିରେ ସାମିଲ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେତେଦୂର ସ୍ୱଚ୍ଛତା ରହିଛି ତା'ର ତଦାରଖ ଗ୍ରାମ୍ୟ ସମ୍ବଳ କର୍ମୀ କରିବେ ବୋଲି କୁହାଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରା ପରିଚାଳନା କରିଥିଲେ । ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ , ବ୍ଲକ ଯୋଗାଣ ନିରୀକ୍ଷକ ବି.ଶ୍ରୀହର୍ଷ , ଜିଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିୟାରସିଂ ଯୋଗ ଦେଇ ଖାଦ୍ୟ ସୁରକ୍ଷା ଆଇନ ବିଷୟରେ ଗ୍ରାମ୍ୟ ସମ୍ବଳ କର୍ମୀଙ୍କୁ ବୁଝାଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।

# ଖଣ୍ଡପଡ଼ାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ଖଣ୍ଡପଡ଼ା,୩୧।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ କୋଭିଡ କଟକଣାରେ ସ୍ୱାୟତ୍ତ ଶାସନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କାର୍ଯ୍ୟାଳୟ ପରିସରରେ ସମସ୍ତ କର୍ମଚାରୀଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବାସ୍ତବରେ ଯେଉଁ ଲକ୍ଷ୍ୟନେଇ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ରାଜ୍ୟରେ ଲାଗୁ କରା ଯାଇଥିଲା ତାହା ସହରବାସୀଙ୍କ ସମସ୍ୟା ଦୂର କରିବାରେ କେତେ ଦୂର ସଫଳ ହୋଇଛି ତାର ଆଜି ସମୀକ୍ଷା କରିବାର ବେଳ ଆସିଛି ବୋଲି ସେ ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ, ୧୯୮୯ ମସିହାରେ ନୟାଗଡ଼ ଜିଲାର ଦ୍ୱିତୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ରୂପେ ଖଣ୍ଡପଡ଼ାକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଥିଲେ । ଇତିମଧ୍ୟରେ ୩୨ବର୍ଷ ବିତିଯାଇଥିବା ବେଳେ ଖଣ୍ଡପଡା ସହରକୁ ସରସ ସୁନ୍ଦର କରି ଗଢି ତୋଳିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏ ଅବସରରେ ସମସ୍ତ କର୍ମଚାରୀଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା । ସେହିପରି ଚନ୍ଦ୍ର ଶେଖର ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭୋରୁ ରାମଧୁନ ସଙ୍ଗୀତ ଗାନ କରାଯାଇଯିବା ସହିତ ଚାରା ରୋପଣ ଓ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା ।

# ମରୁଡ଼ି ଅଞ୍ଚଳ ଘୋଷଣା ଦାବିରେ ଚାଷୀ ଶୋଭାଯାତ୍ରା

**ଦଶପଲ୍ଲା,୩୧।୮(ଡି.ଏନ.ଏ.)**

ମଙ୍ଗଳବାର ଦଶପଲ୍ଲାରେ କୃଷକ ସଭା ତରଫରୁ ବିଭିନ୍ନ ଦାବିକୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲାକୁ ମରୁଡ଼ି ଅଞ୍ଚଳ ଘୋଷଣା ସହ ଚାଷୀ ଓ ଭାଗ ଚାଷୀଙ୍କୁ କ୍ଷତି ପୂରଣ ଦେବା, ଚାଷ ଜମିକୁ ଜଳସେଚନ, ସାନି ଫସଲ ପାଇଁ ବିନା ସୁଧରେ ଚାଷୀ ଓ ଭାଗ ଚାଷୀଙ୍କୁ ଋଣ ଯୋଗାଣ, ବିନା ମୂଲ୍ୟରେ ଚାଷୀଙ୍କୁ ସାର ଯୋଗାଇ ଦେବା ସହିତ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଦାବି କରାଯାଇଥିଲା । ଶୋଭାଯାତ୍ରା ତହସିଲ ଅଫିସ ପର୍ଯ୍ୟନ୍ତ ଯାଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା । କୃଷକ ସଭାର ଆବାହକ ଚଣ୍ଡାଳ ପ୍ରଧାନ, ସାମାଜିକ କର୍ମୀ ଜୟନ୍ତ ଦାସ,ବିଭୁତି ଭୁଷଣ ପ୍ରଧାନଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।



ଶୋଭାଯାତ୍ରାରେ ବାହାରିଥିବା ଚାଷୀମାନେ ।

# ଆସନ୍ତା ବର୍ଷ ଶ୍ମଶାନ, ବସ୍‌ଷ୍ଟାଣ୍ଡ, ଇନଡୋର ଷ୍ଟାଡିୟମ

## ଓଡ଼ଗାଁରେ ସ୍ୱାୟତ୍ତ ଶାସନ ଦିବସ

**ଓଡ଼ଗାଁ, ୩୧।୮ (ସ୍ୱ.ପ୍ର.)**

ଓଡ଼ଗାଁ ଏନ୍‌ଏସିକୁ ୪ ବର୍ଷ ପୂରିଛି । ଏହି ଅବସରରେ ମଙ୍ଗଳବାର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇଛି । ଏନ୍‌ଏସି ପକ୍ଷରୁ ଭୋରୁ ମାଇକ୍ ଯୋଗେ ସହରରେ ରାମ ଧୂନ ପ୍ରଚାର କରାଯିବା ସହିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାସହ କାର୍ଯ୍ୟାଳୟ ପରିସରରେ ଉପଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିବା ସହ କର୍ମଚାରୀମାନଙ୍କୁ ସମ୍ବୋଧନ କରିଥିଲେ । ୨ୟ ପର୍ଯ୍ୟାୟରେ ଆୟୋଜିତ ସମାବେଶରେ ଉପଜିଲାପାଳ ତଥା ପ୍ରଶାସକ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ତହସିଲଦାର ବିଜୟିତା ସାମନ୍ତସିଂହାର, ଜିଲାପରିଷଦ




ସ୍ୱାୟତ୍ତ ଶାସନ ଦିବସ ଅବସରରେ ମଞ୍ଚାସୀନ ଅତିଥିମାନେ ।

ସଦସ୍ୟ ଲୋକନାଥ ସାହୁ, ବିଭୁପ୍ରସାଦ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବିବରଣୀରେ ଏନ୍‌ଏସିର ବିଭିନ୍ନ ୱାର୍ଡରେ କଂକ୍ରିଟ ରାସ୍ତା, ଡ୍ରେନ, ରାମ ସାଗର ପାର୍କ, ଜାଗା ମିଶନ, ବସ୍ତି ଉନ୍ନୟନ, ଏଲଇଡି ଲାଇଟ ଦ୍ୱାରା ସହର ଅଲୋକୀକରଣ, ବର୍ଜ୍ୟବସ୍ତୁ ପରିଚାଳନା ଓ ମଳ ଅମଳ ପ୍ରକଳ୍ପ, ଜନ୍ମମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ ତଥା ରାଶନ ସାମଗ୍ରୀ ବଣ୍ଟନ ଆଦିର ସୁପରିଚାଳନା ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ । ଏଥିସହ ମୁଖ୍ୟ ଅତିଥି ମନ୍ତ୍ରୀ ସାହୁ କହିଥିଲେ, ଏସବୁର କାର୍ଯ୍ୟକାରିତା ସହ ଆଗାମୀ ବର୍ଷ ଆମ୍ବ ବଗିଚା ସୃଷ୍ଟି, ଅତ୍ୟାଧୁନିକ ଶବଦାହ ଗୃହ, ଇନଡୋର ଷ୍ଟାଡିୟମ ଓ ବସ୍‌ଷ୍ଟାଣ୍ଡ ନିର୍ମାଣ ସହିତ ଘରକୁ ଘର ପାଇପ ପାଣି ଯୋଗାଣ ସମ୍ପର୍କରେ ଘୋଷଣା କରିଥିଲେ । ହେଲେ ଏନ୍‌ଏସିକୁ ସରସ ସୁନ୍ଦର କରିବାକୁ ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।

**ଘର ଘରକୁ ନୁହେଁ ଚାଷ ଜମିକୁ ପ୍ରଥମେ ପାଣି ଦିଅ**

ସମାବେଶ ସରିବା ପରେ ମୁଖ୍ୟ ଅତିଥିଙ୍କ ପ୍ରସ୍ଥାନ ସହ ଲୋକଙ୍କ ଭିଡ ପରିଣତ ହୋଇଥିଲା । ସେହି ଭିଡ ଭିତରୁ ଜଣେ କେହି କହୁଥିଲେ, ଘରକୁ ଘର ନୁହେଁ ଚାଷ ଜମିକୁ ପ୍ରଥମେ ପାଣି ଦିଅ, କୁମ୍ଭିଆପଲ୍ଲୀ ନାଳକୁ ବନ୍ଧାଇ ଚାଷ ଜମିକୁ ପାଣି ଦିଅ । ସେହିପରି ଅନ୍ୟଜଣେ ପାର୍କ, ଷ୍ଟାଡିୟମ ନୁହେଁ ଚାଷୀଙ୍କୁ ଶୀତଳଭଣ୍ଡାର ଦିଅ ବୋଲି କହିଥିଲେ ।

# ଝିଅଠାରୁ ପୁଅଙ୍କ ଜନ୍ମହାର ଅଧିକ

- କାମ କରୁନି ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ
- ହାତବାନ୍ଧି ବସିଛନ୍ତି ଦାୟିତ୍ୱରେ ଥିବା ଅଧିକାରୀ,କର୍ମଚାରୀ
- ଧରପଗଡ଼ ଭୁଲି ଯାଉଥିବାରୁ ମିଳୁନାହିଁ ସଫଳତା

**ନୟାଗଡ଼ ଅଫିସ, ୩୧।୮**

ନୟାଗଡ଼ ଜିଲାରେ ପୁଅଙ୍କ ଜନ୍ମହାର ଅଧିକ ରହିଛି । ଭ୍ରୂଣହତ୍ୟା ଯୋଗୁ ଝିଅଙ୍କ ସଂଖ୍ୟା ହ୍ରାସ ପାଉଛି । ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ୨୦୨୧ର ୨ ତ୍ରୈମାସିକ ରିପୋର୍ଟକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୋଇଛି ।

୨୦୨୧ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରସ୍ତୁତ ତ୍ରୈମାସିକ ରିପୋର୍ଟରେ ଭାପୁର ବ୍ଲକରେ ୩୭ ଝିଅ ଓ ୪୫ ପୁଅ ଜନ୍ମ ହୋଇଥିଲେ । ସେହିପରି ଦଶପଲ୍ଲା ବ୍ଲକରେ ୧୦୯ ଝିଅ, ୧୦୬ ପୁଅ, ଗଣିଆରେ ୯ ଝିଅ ୫ ପୁଅ, ଖଣ୍ଡପଡ଼ାରେ ୭୫ ଝିଅ ଓ ୭୪ ପୁଅ, ନୟାଗଡ଼ ବ୍ଲକରେ ୧ ଝିଅ ଓ ୨ ପୁଅ, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୫୪ ଝିଅ ଓ ୪୮୩ ପୁଅ, ନୂଆଗାଁ ବ୍ଲକରେ ୩୬ ଝିଅ ୩୩ ପୁଅ, ଓଡ଼ଗାଁ ବ୍ଲକରେ ୪୭ ଝିଅ ୬୦ ପୁଅ, ରଣପୁର ବ୍ଲକରେ ୧୨୬ ଝିଅ ଓ ୧୫୫ ପୁଅ, ସେହିପରି ଅନ୍ୟାନ୍ୟ ସ୍ଥାନରେ ୨୫୨ ଝିଅ ଓ ୨୭୧ ପୁଅ ଜନ୍ମ ହୋଇଛନ୍ତି । ଏହି ତ୍ରୈମାସିକ ରିପୋର୍ଟକୁ ଅନୁଧ୍ୟାନ କଲେ ଦଶପଲ୍ଲା, ଗଣିଆ, ଖଣ୍ଡପଡ଼ା, ନୂଆଗାଁ ବ୍ଲକ ଝିଅ ଜନ୍ମରେ ଆଗୁଆ ରହିଛି । କିନ୍ତୁ ମୋଟ ଉପରେ ୧୦୪୬ ଝିଅ ଓ ୧୨୩୪ ପୁଅ ଜନ୍ମ ହୋଇଛନ୍ତି । ଏହି ୩ମାସର ରିପୋର୍ଟକୁ ଅନୁଧ୍ୟାନ କଲେ ୧ ହଜାର ପୁଅରେ ୮୪୮ ଝିଅ ଜନ୍ମ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ତ୍ରୈମାସିକ ରିପୋର୍ଟରେ ୧ ହଜାର ପୁଅରେ ୮୫୬ ଝିଅ ଜନ୍ମ ହୋଇଛନ୍ତି । ଭାପୁର ବ୍ଲକରେ ୪୪ ଝିଅ ୩୭ ପୁଅ, ଦଶପଲ୍ଲା ବ୍ଲକରେ ୧୧୩ ଝିଅ ୧୨୯ ପୁଅ, ଗଣିଆ ବ୍ଲକରେ ୭ ଝିଅ ୯ ପୁଅ, ଖଣ୍ଡପଡ଼ା ବ୍ଲକରେ ୭୨ ଝିଅ ୬୧ ପୁଅ, ନୟାଗଡ଼ ବ୍ଲକରେ ୩ ଝିଅ ୪ ପୁଅ, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୫୨ ଝିଅ ୪୫୮ ପୁଅ, ନୂଆଗାଁ ବ୍ଲକରେ ୪୬ ଝିଅ ୫୧ ପୁଅ, ଓଡ଼ଗାଁ ବ୍ଲକରେ ୫୯ ଝିଅ ୫୨ ପୁଅ, ରଣପୁର ବ୍ଲକରେ ୧୩୭ ଝିଅ ୧୭୧ ପୁଅ ଜନ୍ମ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ ମୋଟ୍ ୮୩୩ ଝିଅ ଜନ୍ମ ହୋଇଥିବା ବେଳେ ୯୭୨ ପୁଅ ଜନ୍ମ ହୋଇଛନ୍ତି ।

ଏନେଇ ଗଣିଆ ଉନ୍ନୟନ ପରିଷଦର ସଭାନେତ୍ରୀ ଉଷା ପଟ୍ଟନାୟକ କୁହନ୍ତି, ମା' ପେଟରେ କନ୍ୟା ଥିଲେ ଭ୍ରୂଣହତ୍ୟା କରାଯାଉଛି । ନୟାଗଡ଼ର ବିଭିନ୍ନ ଘରୋଇ ହସ୍ପିଟାଲରେ ଅତି ଗୋପନୀୟ ଭାବେ ଭ୍ରୂଣହତ୍ୟା ଚାଲିଥିବା ଧରପଗଡ଼ ବେଳେ ଜଣାପଡୁଛି । ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଭ୍ରୂଣହତ୍ୟା ରୋକିବା କାଠିକର ପାଠ ହୋଇ ପଡିବ । ସରକାରଙ୍କ ବିଭିନ୍ନ ପଦକ୍ଷେପ ପରେ ବି ଏହି ଦୁଃଖଦାୟକ ଘଟଣାକୁ ରୋକାଯାଇ ପାରିନାହିଁ । ଏହାକୁ ରୋକିବା ପାଇଁ ସମାଧାନର ପନ୍ଥା ଖୋଜାଯିବା ଦରକାର ।

ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଅଧିକାଂଶ ସମୟରେ ଚଢ଼ାଉ ହେବା ଦରକାର । ଦୋଷୀ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଏଥିପାଇଁ ଦଣ୍ଡିତ କରାଯିବା ଦରକାର । ହେଲେ କେତେକ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବିଭିନ୍ନ ଉପାୟରେ ସନ୍ତୁଷ୍ଟ କରୁଥିବା ମଧ୍ୟ ଅଭିଯୋଗ ହୋଇଛି । ଏଥିପାଇଁ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ କାମ କରୁନାହିଁ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଜିଲାପାଳ ପୋମା ଟୁଡୁ କହିଛନ୍ତି, ଗତ କିଛିଦିନ ତଳେ ଜିଲା ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବୈଠକ ବସିଥିଲା । କିପରି ଭ୍ରୂଣହତ୍ୟାକୁ ରୋକାଯିବ ସେଥିପାଇଁ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି । ଅଭିଯୋଗ ମିଳିଲେ ତ୍ୱରିତ୍ ପଦକ୍ଷେପ ନିଆଯାଇ ଧରପଗଡ଼ କରାଯାଉଛି ।

